## ଗଛକୁ ଧକ୍କା ଦେଲା ବାଇକ; ଜଣେ ମୃତ, ଜଣେ ଗୁରୁତର

**ଦିଗପହଣ୍ଡି,୨୨।୪(ସମିସ):** ଦିଗପହଣ୍ଡି ଥାନା ଅନନ୍ତେଇ ଗ୍ରାମ ପୋଖରୀ ନିକଟ ମୁଖ୍ୟରାସ୍ତା କଡ଼ରେ ଥିବା ଗଛକୁ ଏକ ବାଇକ ଧକ୍କା ଦେବାରୁ ଘଟଣାସ୍ଥଳରେ ବାଇକ ଚାଳକ ମୃତ୍ୟୁବରଣ କରିଛନ୍ତି। ବାଇକ ପଛରେ ବସିଥିବା ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ଜଣକ କୁକୁଡ଼ାଖଣ୍ଡି ବ୍ଲକ ବାଲିପଡ଼ା ପଞ୍ଚାୟତ ଟିକରପଡ଼ା ଗ୍ରାମର ସୁଜିତ ପାତ୍ରଙ୍କ ପୁଅ ଇନ୍ଦ୍ରଜିତ ପାତ୍ର(୧୮) ଏବଂ ଆହାତ ଜଣକ ହେଲେ ସେହି ଗାଁର କାମନା ରାଉଳଙ୍କ ପୁଅ ପ୍ରତୀକ ରାଉଳ(୨୩)। ବୁଧବାର ସକାଳେ ଗୁରୁତର ଆହାତ ପ୍ରତୀକଙ୍କୁ ଉଦ୍ଧାର କରାଯାଇ ବ୍ରହ୍ମପୁର ବଡ଼ ଡାକ୍ତରଖାନା ରେ ଭର୍ତ୍ତି କରାଯାଇଛି। ଦିଗପହଣ୍ଡି ପୁଲିସ ଇନ୍ଦ୍ରଜିତଙ୍କ ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ବ୍ରହ୍ମପୁର ବଡ଼ ଡାକ୍ତରଖାନାକୁ ପଠାଇଥିଲେ। ସେଠାରେ ବ୍ୟବଚ୍ଛେଦ କରାଯିବା ପରେ ମୃତଦେହକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିଲା। ଶୋକାକୁଳ ପରିବେଶ ମଧ୍ୟରେ ଗାଁ ଶ୍ମଶାନରେ ତାଙ୍କ ଅନ୍ତିମ ସଂସ୍କାର କରାଯାଇଛି। ଏସି ମେକାନିକ ଭାବେ କାର୍ଯ୍ୟକରୁଥିବା ଉଭୟ



ସାଙ୍ଗ କାମସାରି ମଙ୍ଗଳବାର ରାତି ପ୍ରାୟ ସାଢ଼େ ୧୦ଟାରେ ପଲ୍ସର ବାଇକ ଯୋଗେ ଗାଁକୁ ଫେରୁଥିବା ବେଳେ ନିୟନ୍ତ୍ରଣ ହରାଇ ରାସ୍ତାକଡର ଗଛକୁ ଧକ୍କା ଦେଇ ଉଭୟେ ଚାଷଜମିରେ କଚାଡି ହୋଇ ପଡ଼ିଥିଲେ। ଅନ୍ଧାର ରାତିରେ ଘଟଣା କେହି ଦେଖିନଥିବାରୁ ଉଭୟେ ରାତିସାରା ଘଟଣାସ୍ଥଳରେ ପଡ଼ିରହିଥିଲେ। ଭୋର ରେ ଗ୍ରାମର କିଛିବ୍ୟକ୍ତି ପୋଖରୀ କୁ ଗାଧୋଇବା ପାଇଁ ଯାଇଥିବା ବେଳେ ବାଇକ ସହ ୨ଯୁବକ ଚେତାଶୂନ୍ୟ ଅବସ୍ଥାରେ ପଡ଼ିଥିବା ଦେଖିଥିଲେ। ଖବର ପ୍ରଚାରିତ ହେବାପରେ ଘଟଣାସ୍ଥଳରେ ଭିଡ଼ ପରିଲକ୍ଷିତ ହୋଇଥିଲା। ଉଭୟଙ୍କ ମଧ୍ୟରୁ ଜଣେ ଯନ୍ତ୍ରଣାରେ ଛଟପଟ ହେଉଥିବା ଦେଖି ତାଙ୍କୁ କିଛି ଗ୍ରାମବାସୀ ଉଦ୍ଧାର କରି ବ୍ରହ୍ମପୁର ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ପରିଚୟପତ୍ରରୁ ତାଙ୍କ ନାଁ ପ୍ରତୀକ ବୋଲି ଜଣାପଡିଥିଲା।

### ମନ୍ଥର ଗତିରେ ଚାଲିଛି ସାଲିଆ ମେଗା ପାନୀୟ ଜଳ ପ୍ରକଳ୍ପ

# ୪ ବର୍ଷରେ ସରିଛି ମାତ୍ର ୭୦ ପ୍ରତିଶତ କାମ

**ଖଲ୍ଲିକୋଟ,୨୨।୪(ସମିସ)**

ଖଲ୍ଲିକୋଟରେ ଅଣ ଓଡ଼ିଆ ଠିକାଦାରଙ୍କୁ ଅନୁକମ୍ପା। ସମୟ ଅବଧି ୪ଥର ବୃଦ୍ଧି ହୋଇଥିଲେ ମଧ୍ୟ ସରୁନି କାମ। ପ୍ରବଳ ଗ୍ରୀଷ୍ମ ପ୍ରବାହରେ ସାଧାରଣ ଲୋକେ ଟିକେ ବିଶୁଦ୍ଧ ପାନୀୟ ଜଳ ପାଇବାକୁ ଚାହିଁ ବସିଥିବା ବେଳେ ବର୍ତ୍ତମାନ କମ୍ପାନୀକୁ ଆଗାମୀ ନଭେମ୍ବର ମାସ ସୁଦ୍ଧା କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆ ଯାଇଥିବା କହିଛନ୍ତି ଗ୍ରାମ୍ୟ ଜଳ ଯୋଗାଣ କନିଷ୍ଠ ଯନ୍ତ୍ରୀ ପରମଜ୍ୟୋତି ଜେନା। ମେଗା ଜଳ ପ୍ରକଳ୍ପ କରିବା ନାଁରେ ଶହ ଶହ କୋଟି ଟଙ୍କାର କାମକୁ ଅଣ ଓଡ଼ିଆଙ୍କ ହାତକୁ ଟେକିଦେଇ ଚୁପ ବସିଛି ଗ୍ରାମ୍ୟ ଜଳ ଯୋଗାଣ ବିଭାଗ। ସମୟ ଅବଧି ୪ଥର ବୃଦ୍ଧି କରାଯାଇଥିଲେ ମଧ୍ୟ ସରୁନି କାମ। ତେବେ ପ୍ରତ୍ୟେକ ଘରକୁ ସ୍ୱଚ୍ଛ ଓ ନିର୍ମଳ ପାଣି ଯୋଗାଇବା ପାଇଁ ପୂର୍ବ ବିଜେଡି ସରକାର ଗ୍ରାମ୍ୟ ଜଳ ଯୋଗାଣ ମାଧ୍ୟମରେ



ଖଲ୍ଲିକୋଟ ବ୍ଲକ ପାଇଁ ୧୩୯ କୋଟି ଟଙ୍କା ବ୍ୟୟ ବରାଦ କରିଥିଲେ। ସାଲିଆ ଡ୍ୟାମରୁ ଖଲ୍ଲିକୋଟକୁ ସ୍ୱଚ୍ଛ ପାନୀୟ ଜଳ ଯୋଗାଣ ପାଇଁ ଏହି ପ୍ରକଳ୍ପ କେଇସି ନାମକ ଏକ ଅଣ ଓଡ଼ିଆ ଠିକା କମ୍ପାନୀକୁ ଦିଆଯାଇଥିବା ବେଳେ ୨୦୨୩ଡିସେମ୍ବର ମାସରେ ଏହି ପ୍ରକଳ୍ପର କାର୍ଯ୍ୟ ଶେଷ କରିବାକୁ ସମୟ ଅବଧି ରହିଥିଲା। କିନ୍ତୁ କାମ ନ ସରିବାରୁ ପୁଣି ଏକ ବର୍ଷ ସମୟ ଅବଧି ବୃଦ୍ଧି କରି ୨୦୨୪ ଡିସେମ୍ବର ଓ ପରେ ୨୦୨୫

**ସ୍ୱଚ୍ଛ ପାନୀୟ ଜଳ ପିଇବାକୁ ଅନାଇ ବସିଛନ୍ତି ଲୋକେ**

ଡିସେମ୍ବର ମାସ ପର୍ଯ୍ୟନ୍ତ ଥିଲା। ତେବେ ଉକ୍ତ କମ୍ପାନୀ ବର୍ତ୍ତମାନ ପର୍ଯ୍ୟନ୍ତ କେବଳ ୭୦ଭାଗ କାମ କରିଥିବା ସଂପୃକ୍ତ ବିଭାଗର କନିଷ୍ଠ ଯନ୍ତ୍ରୀ ପରମଜ୍ୟୋତି ଜେନା କହିଥିବା ବେଳେ ଆଗାମୀ ନଭେମ୍ବର ସୁଦ୍ଧା କାମ ଶେଷ କରିବାକୁ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି। ସେପଟେ ପ୍ରତ୍ୟେକ ଗ୍ରାମରେ ପାଇପ ବିଛାଇବା ନାମରେ ଗାଁ ରାସ୍ତାଗୁଡିକ ଖୋଳି ଛାଡ଼ି ଦେଇଛି ସଂପୃକ୍ତ କମ୍ପାନୀ। ଫଳରେ ଜନସାଧାରଣଙ୍କ ଯାତାୟତରେ ଅସୁବିଧା ହେଉଥିବା ଅଭିଯୋଗ ହେଉଛି। ତା ସହ ବିଭିନ୍ନ ଗ୍ରାମରେ ପାଣି ଟାଙ୍କି କାର୍ଯ୍ୟ ମଧ୍ୟ ଅଧପନ୍ତରିଆ ହୋଇ ରହିଛି। ଫଳରେ ଲୋକ ବିଭିନ୍ନ ସମସ୍ୟା ଦେଇ ଗତି କରୁଥିବା ବେଳେ କେବେ ଏହି ମେଗା ଜଳ ପ୍ରକଳ୍ପ ସମ୍ପୂର୍ଣ୍ଣ ହେବ ଓ କେବେ ଲୋକ ବିଶୁଦ୍ଧ ପାଣି ପାଇବେ ତାହାକୁ ନେଇ ଲୋକେ ଏବେ ସନ୍ଦୀହାନ ହୋଇ ପଡିଛନ୍ତି। ତେବେ ପୂର୍ବ ସରକାର ଅଣଓଡ଼ିଆ ଠିକାଦାରଙ୍କୁ ଉକ୍ତ ମେଗା ଜଳ ପ୍ରକଳ୍ପ ଟେକି ଦେଇଥିବା ବେଳେ ଉକ୍ତ ଠିକାଦାର ମନ ମୁତାବକ କାମ କରି ଆସୁଛନ୍ତି। ନୂଆ ସରକାର ସମୟରେ ମଧ୍ୟ ସମାନ ସ୍ଥିତି ଦେଖିବାକୁ ମିଳିଛି। ଏବେ ଦେଖିବାକୁ ବାକି ରହିଲା କେବେ ସରୁଛି ଏହି ମେଗା ଜଳ ପ୍ରକଳ୍ପ ଆଉ କେବେ ବିଶୁଦ୍ଧ ପାନୀୟ ଜଳ ପାଉଛନ୍ତି ସାଧାରଣ ଜନତା।

### ବେଆଇନ ବାଲି ଖୋଳାକୁ ନେଇ ଉତ୍ତେଜନା

## ବାଲିଉତ୍ତୋଳନ ବନ୍ଦ ଦାବିକଲେ ନନ୍ଦିଗୋର ଗ୍ରାମବାସୀ

**ଧରାକୋଟ,୨୨।୪(ସମିସ):** ଧରାକୋଟ ତହସିଲ ଅନ୍ତର୍ଗତ ଜଗମୋହନ ପଞ୍ଚାୟତର ନନ୍ଦିଗୋର ଗାଁର ଲୋକେ ନିକଟସ୍ଥ ଋଷିକୁଲ୍ୟା ନଦୀରୁ ବେଆଇନ ଭାବରେ ବାଲି ଉତ୍ତୋଳନକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ପରିସ୍ଥିତି ଏପରି ହୋଇଛି ଯେ ଗତ ରବିବାର ସନ୍ଧ୍ୟାରେ ନଦୀ ଗର୍ଭରୁ ବାଲି ଖୋଳୁଥିବା ଦୁଇଟି ହିଟାଚି ମେସିନକୁ ଜବରଦସ୍ତ ବନ୍ଦ କରିବା ଯୋଗୁଁ ପ୍ରଶାସନ ସହ ଏକ ରକମ ମୁହାଁ ମୁହିଁ ପରିସ୍ଥିତି ସୃଷ୍ଟି ହୋଇଛି। ଏହାର ଦୁଇଦିନ ପରେ ପ୍ରଶାସନ ଏହି ଘଟଣାରେ କୌଣସି ପଦକ୍ଷେପ ନେଉନଥିବା ଅଭିଯୋଗ କରି ଆଜି ବୁଧବାର ଦିନ ନନ୍ଦିଗୋର ଗାଁର ଶତାଧିକ ଲୋକ ଧରାକୋଟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ନାରାବାଜି କରିଥିଲେ। ମିଳିଥିବା ସୂଚନାନୁଯାୟୀ ଧରାକୋଟ ତହସିଲର କପିଳାସ ସେଣ୍ଡବେଡକୁ ରାଜ୍ୟ ସରକାର ଜଣେ ଲିଜଧାରିଙ୍କୁ ୨୦୨୯ ମସିହା ପର୍ଯ୍ୟନ୍ତ ଲିଜ ଦେଇଛନ୍ତି। ସଂପୃକ୍ତ ବ୍ୟକ୍ତି ଋଷିକୁଲ୍ୟା ନଦୀରୁ ମେସିନ ଲଗାଇ ହଇୱା, ଟିପର ଓ ଟ୍ରାକ୍ଟର ସାହାଯ୍ୟରେ ବାଲି ଉତ୍ତୋଳନ କରୁଛନ୍ତି। ଋଷିକୁଲ୍ୟା ନଦୀ କୂଳରେ ଏହି ସେଣ୍ଡବେଡ ନିକଟରେ ରହିଛି ଧାରକୋଟ ଥାନା ଅନ୍ତର୍ଗତ ନନ୍ଦିଗୋର ଗାଁ। ଏହି ଗାଁରେ ୪୦୦ରୁ ଅଧିକ ପରିବାରର ପ୍ରାୟ ଦୁଇ ହଜାର ଲୋକ ବସବାସ କରନ୍ତି। ଦୈନନ୍ଦିନ ସ୍ନାନ, ଶୌଚ, କ୍ରିୟା କର୍ମ ପାଇଁ ଏହି ଲୋକେ ଋଷିକୁଲ୍ୟା ନଦୀ ଉପରେ ନିର୍ଭର କରନ୍ତି। ଏହା ଛଡା ଜାତୀୟ ରାଜପଥ ୫୯କୁ ଯିବାପାଇଁ ଲୋକେ ନଦୀ ଭିତରେ ପଶି ନନ୍ଦିଗୋର ତୋଟାକୁ ଆସିଥାନ୍ତି। ସେମାନଙ୍କ



ଅଭିଯୋଗ ହେଲା କପିଳାସ ସେଣ୍ଡ ବେଡରୁ ବେଧଡକ ବାଲି ଉତ୍ତୋଳନ ଯୋଗୁଁ ଏହା କପିଳାସ ରାଜସ୍ୱ ମୌଜାରୁ ଡେଇଁ ବର୍ତ୍ତମାନ ନନ୍ଦିଗୋର ଗାଁ ପର୍ଯ୍ୟନ୍ତ ପହଞ୍ଚି ଗଲାଣି। ନନ୍ଦିଗୋର ଗାଁ ବାରିପଟେ ପ୍ରବାହିତ ଋଷିକୁଲ୍ୟା ନଦୀରୁ ଲିଜ ଧାରି ବ୍ୟକ୍ତି ଜଣକ ବେଆଇନ ଭାବରେ ଲିଜ ଅଞ୍ଚଳରୁ ଆଗକୁ ବଢ଼ି ଜବରଦସ୍ତ ବାଲି ଉତ୍ତୋଳନ କରୁଛନ୍ତି। ଫଳରେ ନନ୍ଦିଗୋର ଗାଁ ପଟ ଏବଂ ତୋଟା ପଟେ କୋଡ଼ିଏରୁ ତିରିଶ ଫୁଟ ପର୍ଯ୍ୟନ୍ତ ଗଭୀର ଗର୍ତ୍ତ ସୃଷ୍ଟି ହେଲାଣି । ଏଣୁ ଗାଁର ପୋଖରୀ, କୂଅ ଓ ନଳକୂଅର ଜଳସ୍ତର କମିଗଲାଣି। ଚାରିଆଡେ ଗଭୀର ଗର୍ତ୍ତ ସୃଷ୍ଟିହୋଇ ରହିଥିବାରୁ ଏଥିରେ ପୋଖରୀ ଭଳି ପାଣି ଜମି ରହିଛି। ଏଣୁ ଅସାବଧାନତା ବଶତଃ ଯିଏ ନିତ୍ୟକର୍ମ ପାଇଁ ନଦୀକୁ ଯାଉଛି ପାଣିରେ ବୁଡି ଯିବାର ସମ୍ଭାବନା ରହିଛି। ଗତ ବର୍ଷ ଜଣେ ମହିଳା ପାଣିରେ ବୁଡ଼ି ମୃତ୍ୟୁବରଣ କରିଥିବା ବେଳେ ଚଳିତ ବର୍ଷ ମଧ୍ୟ ଦୁଇଟି ଅଘଟଣ ଘଟିଲାଣି। ପ୍ରାକୃତିକ ଉତ୍ସ ନଦୀର ନଷ୍ଟ ହେଉଥିବାରୁ ଜନଜୀବନ ପ୍ରଭାବିତ ହେବାର ଆଶଙ୍କା ଦେଖା ଦେଲାଣି। ନଈ କୂଳିଆ ଗାଁରେ ପାଣି ଅଭାବ ସହ ନଦୀ ଗତିପଥ ପରିବର୍ତ୍ତନ ହେବାର ସମ୍ଭାବନା ଦେଖା ଦେଲାଣି। ଏହି ସବୁ ଘଟଣାକୁ ନେଇ ଗାଁ ଲୋକେ ଉତ୍ତେଜିତ ହୋଇ ଗତ ରବିବାର ଅପରାହ୍ନରେ ନନ୍ଦିଗୋର ଗାଁ ନିକଟ ନଦୀରେ ବାଲି ଖୋଳୁଥିବା ଦୁଇଟି ହିଟାଚି ମେସିନକୁ ଜବରଦସ୍ତ ବନ୍ଦ କରିଥିଲେ। ଖବର ପାଇ ଧରାକୋଟ ତାହସିଲଦାର ଲମ୍ବୋଦର ମାରାଣ୍ଡି, କନିଷ୍ଠ ଖଣି ଅଧିକାରୀ ଜିତେନ୍ଦ୍ର କୁମାର ଜେନା ଓ ଧରାକୋଟ ପୋଲିସ ନଦୀ ଶଯ୍ୟାରେ ପହଞ୍ଚି ଉତ୍ତେଜିତ ଲୋକଙ୍କୁ ବୁଝାସୁଝା କରିଥିଲେ। ତହସିଲଦାର ସୋମବାର ଦିନ ଏକ ମିଳିତ ବୈଠକ ବସି ସମସ୍ତଙ୍କ ଉପସ୍ଥିତିରେ ଏ ବିଷୟରେ ଆଲୋଚନା କରି ନିଷ୍ପତ୍ତି ନିଆଯିବ ବୋଲି କହିବା ପରେ ଉତ୍ତେଜନା ଥମିଥିଲା। ଏହା ମଧ୍ୟରେ ଦୁଇଦିନ ବିତି ଯାଇଥିଲେ ମଧ୍ୟ ପ୍ରଶାସନ ପକ୍ଷରୁ କୌଣସି ସୂଚନା ନମିଳିବାରୁ ବୁଧବାର ଶତାଧିକ ଲୋକ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାସହ ନାରାବାଜି କରିଥିଲେ। ତହସିଲଦାରଙ୍କ ଅନୁପସ୍ଥିତିରେ ଅତିରିକ୍ତ ତହସିଲଦାର ଗଣେଶ ଦଳାଇ ଲୋକଙ୍କ ସହ ଆଲୋଚନା କରିଥିଲେ। ଉତ୍ୟକ୍ତ ଲୋକେ ନିର୍ଦ୍ଦିଷ୍ଟ ସମୟ ଦେଇ କାହିଁକି ତହସିଲଦାର ଲୋକଙ୍କ ସହ ଆଲୋଚନା କଲେନି, ଜବତ ଦୁଇଟି ମେସିନ ନଦୀ ଭିତରୁ ଗାଏବ ହେଲା କେମିତି, ବାଲି ଲିଜଧାରିଙ୍କୁ ପ୍ରଶାସନ ଅହେତୁକ ଅନୁକମ୍ପା ଦେଖାଉଛି କାହିଁକି ଭଳି ବିଭିନ୍ନ ପ୍ରଶ୍ନ ଲୋକେ କରିଥିଲେ। ଲୋକଙ୍କ ସହ ଆଲୋଚନା ବେଳେ ସେମାନେ କହିଛନ୍ତି ଆମ ଅଭିଯୋଗ ସମ୍ପର୍କରେ ରାଜ୍ୟ ସରକାର ଓ ପ୍ରଶାସନକୁ ଜଣାଇଦେବୁ ଓ ଜିଲ୍ଲାପାଳଙ୍କ ସହ ମୌଖିକ ଭାବରେ ସାକ୍ଷାତ କରିବୁ ତାପରେ ପରବର୍ତ୍ତୀ କାର୍ଯ୍ୟନୁଷ୍ଠାନ ନେବୁ, ସେ ପର୍ଯ୍ୟନ୍ତ ନଦୀ ଗର୍ଭକୁ କାହାକୁ ପୁରେଇ ଦେବୁନି ବୋଲି ପ୍ରକାଶ କରିଥିଲେ। ଘଟଣା ନେଇ କପିଳାସ ବାଲି ଲିଜ ଧାରିଙ୍କ ସହ ଯୋଗାଯୋଗ ବେଳେ ସେ କହିଥିଲେ ମୁଁ କୌଣସି ବେଆଇନ କାର୍ଯ୍ୟ କରୁନାହିଁ। ସରକାରଙ୍କ ଦ୍ୱାରା ପ୍ରଦତ୍ତ ଏବଂ ଚିହ୍ନଟ ସ୍ଥାନରୁ ବାଲି ଉଠାଯାଉଛି।

### ଅମିନ ଚାକିରି ଆଳରେ ୭ ଲକ୍ଷ ଠକେଇ

## ଅର୍ଥ ଫେରସ୍ତ ମାଗିବାରୁ ହତ୍ୟା ଉଦ୍ୟମ, ଅଭିଯୁକ୍ତ ଗଲେ ଜେଲ୍

**ଦିଗପହଣ୍ଡି,୨୨।୪(ସମିସ):** ଦିଗପହଣ୍ଡି ବ୍ଲକ ପଦ୍ମନାଭପୁର ଗ୍ରାମର ମେହୁଲ କୁମାର ସାବତଙ୍କୁ ଅମିନ ଚାକିରି କରାଇଦେବାର ପ୍ରତିଶ୍ରୁତି ଦେଇ ଭୁବନେଶ୍ୱର ଏୟାରଫିଲ୍ଡ ଥାନା ସୁନ୍ଦରପଦା ଏକାମ୍ର ବିହାରରେ ରହୁଥିବା ଦିଗପହଣ୍ଡି ଥାନା ଚୁଡୁଙ୍ଗପୁର ଗ୍ରାମର ଇନ୍ସ୍ୟୁରେନ୍ସ ଏଜେଣ୍ଟ ବାବୁଲି ମହାରଣା ଓରଫ ସତ୍ୟବାଦୀ ମେହୁଲ ସାବତଙ୍କ ଭାଇ ରାକେଶ ସାବତଙ୍କଠାରୁ ୭ଲକ୍ଷ ୩୦ହଜାର ଟଙ୍କା ନେଇଥିଲେ। ପରେ ତାଙ୍କୁ ଅମିନ ଚାକିରିର ନିଯୁକ୍ତିପତ୍ର ପ୍ରଦାନ କରିଥିଲେ। ନିଯୁକ୍ତିପତ୍ରଟି ନକଲି ବୋଲି ଜାଣିବା ପରେ ରାକେଶ ବାବୁଲିଙ୍କୁ ଟଙ୍କା ଫେରସ୍ତ ମାଗିଥିଲେ। ବାବୁଲି ମେହୁଲଙ୍କୁ ୧ଲକ୍ଷ ୮୦ହଜାର ଟଙ୍କା ଫେରସ୍ତ କରିଥିଲେ। ବାକି ଥିବା ୫ଲକ୍ଷ ୫୦ହଜାର ଟଙ୍କା ରାକେଶ ମାଗିବାରୁ ବାବୁଲି ତାଙ୍କୁ ଗତ ଜାନୁୟାରୀ ୨୨ତାରିଖରେ ଦିଗପହଣ୍ଡି ଡକାଇ ମାଡ଼ ମାରିବା ସହ ତଣ୍ଟି ଚିପି ହତ୍ୟା ଉଦ୍ୟମ କରିଥିଲେ। ତଥାପି ଟଙ୍କା ଫେରସ୍ତର ଆଶା ରଖି ରାକେଶ ଚୁପ୍ ରହିଥିଲେ। ବାବୁଲିଙ୍କୁ ଗତ ଗୁରୁବାର ଟଙ୍କା ଫେରସ୍ତ ମାଗିବାରୁ ସେ ତାଙ୍କୁ ଭୟଭୀତ କରିବା ସହ ଧମକ ଦେଇଥିଲେ। ରାକେଶ ଏନେଇ ଦିଗପହଣ୍ଡି ଥାନାରେ ଏତଲା ଦେବାପରେ ଆଇଆଇସି କିଶୋର କୁମାର ସାମଲ ଥାନା ମାମଲା ନଂ.୧୬୪/୨୬ ଅନୁଯାୟୀ ମକଦ୍ଦମା ରୁଜୁ କରିଥିଲେ। ପୁଲିସ ମଙ୍ଗଳବାର ଅଭିଯୁକ୍ତ ବାବୁଲି ଓରଫ ସତ୍ୟବାଦୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ। ଜାମିନ ଆବେଦନ ଖାରଜ ହେବାରୁ ଅଭିଯୁକ୍ତଙ୍କୁ ଦିଗପହଣ୍ଡି ସବ ଜେଲ ହାଜତକୁ ପଠାଇ ଦିଆଯାଇଛି। ରାକେଶ ସାବତ ଓ ତାଙ୍କ ଭାଇ ମେହୁଲ ପଦ୍ମନାଭପୁର ଶନି ମନ୍ଦିରରେ ଗତ ୨୦୨୩ରେ ବାବୁଲିଙ୍କୁ ଭେଟିଥିଲେ। ବାବୁଲି ନିଜକୁ ବ୍ୟାଙ୍କ ଫାଇନାନ୍ସ ଅଫିସର ଭାବେ ପରିଚୟ ଦେଇଥିଲେ। ସେ ଦିଗପହଣ୍ଡି ପିଏଚଡି ରୋଡ଼ରେ ଏକ ଭଡ଼ା ଘରେ ରହୁଥିଲେ। ମେହୁଲଙ୍କୁ ସେ ରାଜ୍ୟ ଷ୍ଟାଫ ସିଲେକ୍ସନ୍ ବୋର୍ଡ ଦ୍ୱାରା ହେଉଥିବା ଅମିନ ପଦବୀ ପରୀକ୍ଷାରେ ପାସ କରାଇ ଚାକିରି କରାଇଦେବି ବୋଲି ପ୍ରତିଶ୍ରୁତି ଦେଇ ପ୍ରଥମେ ତାଙ୍କଠାରୁ ୪ଲକ୍ଷ ୬୫ହଜାର ଫୋନ ପେ ମାଧ୍ୟମରେ ଗତ ୨୦୨୩ ଜୁଲାଇ ୧୧ତାରିଖ ଠାରୁ ୨୦୨୫ ମାର୍ଚ୍ଚ ୧୨ ତାରିଖ ମଧ୍ୟରେ ନେଇଥିଲେ। ପରେ ୨ଲକ୍ଷ ୬୪ହଜାର ୯୭୦ ଟଙ୍କା ନଗଦ ଆକାରରେ ନେଇଥିଲେ ବୋଲି ଏତଲାରେ ଉଲ୍ଲେଖ ରହିଛି । ଏହି ରାକେଟରେ କଟକ ସତୀ ଚଉରା ଅଞ୍ଚଳର ଜଣେ ଆକାଉଣ୍ଟ କ୍ଲର୍କଙ୍କ ମଧ୍ୟ ସମ୍ପର୍କ ଥିବା ପୁଲିସର ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି।

### ଅଟୋ ଓଲଟି ୭ମ ଶ୍ରେଣୀ ଛାତ୍ରଙ୍କ ମୃତ୍ୟୁ ଘଟଣା

## ୯ ଦିନ ପରେ ଅଟୋ ଚାଳକଙ୍କୁ କୋର୍ଟଚାଲାଣ

**ଦିଗପହଣ୍ଡି,୨୨।୪(ସମିସ):** କେ. ନୂଆଗାଁ ଥାନା ବୀରମେଖପୁର ଗାଁ ନିକଟରେ ଗତ ୧୪ ତାରିଖ ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ ଅଟୋ (ନଂ. ଓଡ଼ି୦୭ ବିବି -୯୧୨୧) ରାସ୍ତାକଡକୁ ଓଲଟି ପଡ଼ିଥିଲା। ଦୁର୍ଘଟଣାରେ ଦିଗପହଣ୍ଡି ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ୭ମ ଶ୍ରେଣୀ ଛାତ୍ର ଜରଡ଼ା ଥାନା ଡୁଙ୍ଗୁରୁଗୁଡ଼ା ଗ୍ରାମର ଅନିଲ ମହାରଣାଙ୍କ ପୁଅ ଶୁଭଙ୍କର ମହାରଣା(୧୪) ମୃତ୍ୟୁବରଣ କରିଥିଲେ।

ଏନେଇ ଶୁଭଙ୍କରଙ୍କ ସମ୍ପର୍କୀୟ ମହେନ୍ଦ୍ର ମହାରଣା କେ.ନୂଆଗାଁ ଥାନାରେ ଏତଲା ଦେଇଥିଲେ। ଏତଲାକୁ ଭିତ୍ତିକରି ଥାନା ଆଇଆଇସି ବିଶ୍ୱଜିତ ନାୟକ ମାମଲା ଅଟୋ ଚାଳକଙ୍କ ବିରୋଧରେ ମକଦ୍ଦମା ରୁଜୁ କରିଥିଲେ। ତଦନ୍ତକାରୀ ଅଧିକାରୀ ଏଏସଆଇ ସିଏଚ. ତାରକେଶ୍ୱର ରାଓ ଦିଗପହଣ୍ଡି ସାଇ ନଗରରେ ରହୁଥିବା ଚାଞ୍ଚଡାପଲ୍ଲୀ ଗ୍ରାମର ଅଭିଯୁକ୍ତ ଅଟୋ ଚାଳକ ମହେନ୍ଦ୍ର ମହାରଣାଙ୍କୁ ବୁଧବାର ଗିରଫ କରି କୋର୍ଟଚାଲାଣ କରିଛନ୍ତି।

# କାଳିପଲ୍ଲୀରେ କିଡ଼ନୀ ରୋଗର କରାଳ ରୂପ

### କିଛିବର୍ଷରେ ୧୦ ମୃତ୍ୟୁ, ଅନେକ ଆକ୍ରାନ୍ତ

### ଚିନ୍ତାରେ ଗ୍ରାମବାସୀ, ଅବସ୍ଥା ଜଟିଳ

**ଛତ୍ରପୁର,୨୨।୪(ସମିସ)**

ଛତ୍ରପୁର ବ୍ଲକ ଅନ୍ତର୍ଗତ କାଳିପଲ୍ଲୀ ପଞ୍ଚାୟତର ବିଭିନ୍ନ ଗ୍ରାମରେ ଏବେ କିଡନୀ ରୋଗର କରାଳ ରୂପ ଦେଖିବାକୁ ମିଳିଛି। ଗୋଟିଏ ପରେ ଗୋଟିଏ ଜୀବନ ଯାଉଥିବା ବେଳେ ଏବେବି ଅନେକ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା ଜାରି ରହିଛି। ଘରେ ଘରେ ରୋଗୀଙ୍କ ସଂଖ୍ୟା ବଢୁଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ତ୍ରୀବ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି । କାଳିପଲ୍ଲୀ ପଚାଂୟତ ଅଧିନବଡ଼ପୁଟି, ପି. ଲକ୍ଷ୍ମୀପୁର ବନ୍ଦର, କତୁରୁ, ବାସନାପୁଟି, ଉପୁଲାପୁଟି, ହରିପୁର, ଭାଗିନିପେଟା ସମେତ ୧୩ ଖଣ୍ଡ ଗ୍ରାମରେ ଏହି ରୋଗରେ ଆକ୍ରନ୍ତ ହେଉଛନ୍ତି। ଅଞ୍ଚଳବାସୀ ଆଇଆରଇଏଲ ଉପରେ ଦୋଷ ଦେଉଛନ୍ତି। ଯେବେ ଠାରୁ ଆଇଆରଇଏଲ ଭିତରେ ମୋନାଜାଇଟ୍ ପ୍ଲାଟ କରାଗଲା ସେବେଠାରୁ ଏହି ରୋଗ ଦେଖାଦେଉଛି ବୋଲି କହି ଆସୁଛନ୍ତି। ପାଣିରେ ଏହି ବିଷାକ୍ତ ଗ୍ୟାସ ମିଶୁଥିବାରୁ ଏହି ରୋଗ ବ୍ୟାପୁଛି କହିବା ସହ ଏହାର ବିହିତ ପ୍ରତିକାର ନେବା ପାଇଁ ଦିର୍ଘ ବର୍ଷ ହେଲା ଦାବି ହୋଇଆସୁଛି। ଅନ୍ୟପକ୍ଷରେ ସ୍ୱାସ୍ଥ୍ୟ ବିଭାଗ ମଧ୍ୟ ସେଠାରେ କ୍ୟାମ୍ପ କରିବା ସହ ପାଣି ନମୂନା ସଂଗ୍ରହ କରୁଛି। କିନ୍ତୁ କେଉଁ କାରଣରୁ ଏହି ରୋଗ ବ୍ୟାପୁଛି ତାହାର ପ୍ରକୃତ କାରଣ ଏଯାବତ ଧରାପଡିନାହିଁ । ଗତ କିଛି ବର୍ଷ ମଧ୍ୟରେ ଏହି ରୋଗରେ ଆକ୍ରାନ୍ତ ହୋଇ ୧୦ଜଣଙ୍କ ପ୍ରାଣ ଯାଇଥିବା ଛତ୍ରପୁର ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରର ଅଧିକ୍ଷକ ଡାକ୍ତର ସ୍ୱାଧିନ ରଥ ସୂଚନା ଦେଇଛନ୍ତି। ଏବେ ବି ଏହି ରୋଗରେ ୭୬ ଜଣ ଏହି ରୋଗରେ ଆକ୍ରାନ୍ତ ହୋଇ ଚିକିତ୍ସା କରାଯାଉଛି। ପ୍ରତି ସପ୍ତାହରେ ଥରେ ସେଠାରେ କ୍ୟାମ୍ପ କରାଯାଉଛି। ସମସ୍ତଙ୍କ ସର୍ଭେଲାନ୍ସ ମଧ୍ୟ କରାଯାଇଛି ପାଣିରେ ଲୌହ ଅଂଶ ଅଧିକ ରହୁଛି ବୋଲି କହିଥିଲେ। ସରକାରୀ ହିସାବରେ ୧୦କିନ୍ତୁ ବେସରାକରୀ ହିସାବରେ ବହୁ ଲୋକ ଏହି ରୋଗରେ ଆକ୍ରାନ୍ତ ହୋଇ ମରିଛନ୍ତି। ଏପରିକି ଆଇଆରଇଏଲ କର୍ତ୍ତୃପକ୍ଷ ସ୍କ୍ରିନଂ କରି ଉତ୍ତମ ଚିକିତ୍ସା ଦେବା କହି ଭୁଆଁ ବୁଲାଉଥିବା କହିଛନ୍ତି ପଞ୍ଚାୟତବାସୀ। କାଳିପଲ୍ଲୀ ପଚାଂୟତ ଅଧିକାଂଶ ଲୋକ ଶ୍ରମିକ ଶ୍ରେଣୀର। ଏହି କିଡନୀ ରୋଗ ହେବା ପରେ ଡାୟାଲିସିସ ଓ ଉପଯୁକ୍ତ ଚିକିତ୍ସା ପାଇଁ ସେମାନଙ୍କ ପାଖରେ ସମ୍ବଳ ନାହିଁ। ଏହି ରୋଗ କେଉଁ କାରଣରୁ ହେଉଛି ଏକ ସ୍ୱତନ୍ତ୍ର ବିଶେଷଜ୍ଞ ଟିମ ପହଞ୍ଚି ଯାଂଚର ଆବଶ୍ୟକତା ରହିଛି।

ଅନ୍ୟପକ୍ଷରେ କାଳିପଲ୍ଲୀରେ କିଡନୀ ରୋଗର ଭୟାବହତାକୁ ନେଇ ଚିନ୍ତାପ୍ରକଟ କରିଛନ୍ତି ବ୍ରହ୍ମପୁର ସାଂସଦ ଡ.ପ୍ରଦୀପ କୁମାର ପାଣିଗ୍ରାହୀ। ରୋଗର ପ୍ରକୃତ କାରଣ ଖୋଜି ବାହାର ସହ ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରିବା ପାଇଁ ମୁଖ୍ୟମନ୍ତ୍ରୀ ମୋହଣ ଚରଣ ମାଝିଙ୍କୁ ଟୁଇଟ କରି ଅନୁରୋଧ କରିଛନ୍ତି। ଏକ ସ୍ୱତନ୍ତ୍ର ତଦନ୍ତ କମିଟି ଗଠନ କରିବାକୁ ଅନୁରୋଧ କରିଛନ୍ତି । ଅନ୍ୟପକ୍ଷରେ ଆଗାମୀ ଦିନରେ ସେହି ଅଚଂଳରେ ପିଇବା ପାଣି ନିମନ୍ତେ ଆରଓ ପ୍ଲାଂଟ ଲଗାଯିବା ଫଳରେ ସମସ୍ତ ଲୋକଙ୍କୁ ବିସୁଦ୍ଧ ପାଣି ମିଳିବ ଏନେଇ ଗତ ଗତ ୧୮ ତାରିଖ ରେ ହୋଇଥିବା ବୈଠକରେ ନିଷ୍ପତି ହୋଇଛି। ଜିଲ୍ଲାରେ ୩୦ଟି ସ୍ଥାନରେ ପାଣି ଜନିତ ରୋଗ ଦେଖାଦେଉଛି। ଯଦ୍ୱାରା କିଡନୀ ରୋଗରେ ଆକ୍ରାନ୍ତ ହେଉଛନ୍ତି ଲୋକ ସେଠାରେ ଆରଓ ପ୍ଲାଂଟ କରାଯିବା ନେଇ ନିଷ୍ପତି ହୋଇଛି ବୋଲି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତି ଭୂଷଣ ଜେନା ଉକ୍ତ ବୈଠକରେ କହିଥିଲେ। ଅପରପକ୍ଷେ ଯେବେଠୁ ଆଇଆରଇଏଲ୍ କମ୍ପାନି ଭିତରେ ମୋନାଜାଇଟ୍ ପ୍ଲାଣ୍ଟ ହେଲା ସେବେଠୁ ପଞ୍ଚାୟତର ବିଭିନ୍ନ ଗାଁ ଗୁଡିକରେ କିଡ୍‌ନି ରୋଗ ବ୍ୟାପିବାରେ ଲାଗିଲା। କମ୍ପାନୀ ନିକଟରେ ପଞ୍ଚାୟତର ବଡପୁଟି, କାଳିପଲ୍ଲୀ, ପି.ଲକ୍ଷ୍ମୀପୁର ଗ୍ରାମ ରହିଥିବାରୁ ଏହି ଗ୍ରାମ ଗୁଡିକରେ ମୋନାଜାଇଟ୍ ପ୍ଲାଂଟର ଦୂଷିତ ଗ୍ୟାସ୍ ଏବଂ ଏହା ଜନିତ ପାନୀୟ ଜଳରେ ପ୍ରଭାବ ଏହି ଗାଁ ଗୁଡିକ ଉପରେ ବେଶ୍ ପ୍ରଭାବିତ କରିଛି। ଫଳରେ କିଡ୍‌ନି ରୋଗୀ ସଂଖ୍ୟା ବୃଦ୍ଧି ପାଇବା ସହ ମୃତ୍ୟୁମୁଖରେ ପଡିଛନ୍ତି। କିନ୍ତୁ ପଞ୍ଚାୟତବାସୀଙ୍କ ଅଭିଯୋଗକୁ ସାଧାରଣରେ ସରକାର କିମ୍ବା ସ୍ୱାସ୍ଥ୍ୟ ବିଭାଗ ଗ୍ରହଣ କରୁନଥିବା ବେଳେ ଆଇଆରଇଏଲ୍ କମ୍ପାନୀକୁ ଏକ ପ୍ରକାର ସପକ୍ଷ କରିଆସୁଥିବା ଭଳି ନୀତି ଅବଲମ୍ବନ କରୁଛନ୍ତି ବୋଲି ବଡ଼ପୁଟି ଗ୍ରାମର କିଡ଼ନୀ ରୋଗରେ ପୀଡିତ ଜେ ଧର୍ମା ରାଓ, ଡି. ଦିଲେଶ୍ୱର ରାଓ, ପି ଧର୍ମା ରାଓ, ଡି. ଆପ୍ପା ରାଓ, ଜି. ସରସ୍ୱତୀ ଏବଂ ପି. ଲକ୍ଷ୍ମୀପୁର ଗ୍ରାମ ପୀଡିତ ଏମ. ସାବିତ୍ରୀ, ବଳରାମ ସାହୁ, ଏସ. ଏରିୟା ଓ ଏମ. ନାର୍ସମ୍ମା ଅଭିଯୋଗ କରିଛନ୍ତି। ଏଣୁ ସେମାନଂକୁ ଉପଯୁକ୍ତ ସ୍ୱାସ୍ଥ୍ୟ ସୁବିଧା ସହିତ ଆର୍ଥିକ ସହାୟତା ପ୍ରଦାନ କରିବାକୁ ସେମାନେ ଦାବି କରିଛନ୍ତି। ସେହିପରି ପି. ଲକ୍ଷ୍ମୀପୁର ଗ୍ରାମର ଚନ୍ଦ୍ର ଶେଖର ସେଠି ଅଭିଯୋଗ କରିଛନ୍ତି। ୧୧ମାସ ଭିତରେ ତାଙ୍କର ଜେଜେ ବାପା ହରିକୃଷ୍ଣ ସେଠି ଓ ଜେଜେ ମାଆ ବିଜୟ ଲକ୍ଷ୍ମୀ ସେଠି କିଡ଼ନୀ ରୋଗ ଆକ୍ରାନ୍ତରେ ମୃତ୍ୟୁବରଣ କରିଥିଲେ। ଏଣୁ ଯୁବକ ମାନେ ଏବେ ଭୟଭିତ ଅବସ୍ଥାରେ ଅଛୁ ବୋଲି ସେ କହିଛନ୍ତି। ଦୀର୍ଘ ବର୍ଷ ଧରି ଆମ ଗାଁ ଓ ଆମ ପଂଚାୟତ ବହୁ ଲୋକ କିଡ଼ନୀ ରୋଗରେ ଆକ୍ରାନ୍ତ ଏବଂ ମୃତ୍ୟୁବରଣ କରିଥିଲେ ମଧ୍ୟ ସରକାରଙ୍କ ପକ୍ଷରୁ ସେଭଳି କିଛି ବ୍ୟବସ୍ଥା କରାଯାଇ ନାହିଁ। ଯାହା ଫଳରେ ଲୋକମାନେ ବିଭିନ୍ନ ଅସୁବିଧା ରେ ଗତି କରୁଛନ୍ତି ବୋଲି ପି ଲକ୍ଷ୍ମୀପୁର ଗ୍ରାମର ବିଜୟ ସାହୁ ଅଭିଯୋଗ କରିଛନ୍ତି।

## ଶଙ୍କରାଚାର୍ଯ୍ୟ ଜନ୍ମ ଦିବସ



**ଆସିକା,୨୨।୪(ସମିସ):** ଆସିକା ବିନାୟକ ବଜାର ଭାଗବତ ମଠରେ ଆଦିତ୍ୟ ବାହିନୀ ପକ୍ଷରୁ ଶଙ୍କରାଚାର୍ଯ୍ୟ ଜନ୍ମ ଦିବସ ମହା ଆଡମ୍ବରରେ ପାଳନ କରାଯାଇଛି। ପୁରୀର ଗୋବର୍ଦ୍ଧନ ପୀଠର ମୁଖ୍ୟ ଶଙ୍କରାଚାର୍ଯ୍ୟ ଜନ୍ମ ବିଷୟରେ ଆଦିତ୍ୟ ବାହିନୀର କର୍ମକର୍ତ୍ତାମାନେ ଆଲୋଚନା କରିଥିଲେ। ଆଦିତ୍ୟ ବାହିନୀ ଆସିକା ଶାଖାର ସଭାପତି ବ୍ରଜ ମୋହନ ପାତ୍ରଙ୍କ ସଭାପତିତ୍ୱରେ ସମ୍ପାଦକ ଟୁକୁନା ସାହୁ, ସଂଯୋଜନା କରିଥିବା ବେଳେ ପୂର୍ବତନ ରାଜ୍ୟ ସାଧାରଣ ସମ୍ପାଦକ ପ୍ରଦୀପ ପାତ୍ର, କିରଣ ପାଢ଼ୀ, ଉମା ମହେଶ୍ୱର ରାଓ, ସୁଶାନ୍ତ କୁମାର ବିଶ୍ୱାଳ, ଆଶିଷ କୁମାର ପୃଷ୍ଟି, ବ୍ରଜ ମୋହନ ପାତ୍ର, ଟୁକୁନା ସାହୁ, ଅନିଲ କୁମାର ପୃଷ୍ଟି, ଗୁଣ୍ଡିଚା ମହାରଣା, ଜଗନ୍ନାଥ ପାତ୍ର, ସନ୍ତୋଷ କୁମାର ମିଶ୍ର, ରାଧାକୃଷ୍ଣ ପାଣିଗ୍ରାହୀ, ଯୋଗେନ୍ଦ୍ର ନାଥ ପ୍ରଧାନ ପ୍ରମୁଖ ଉପସ୍ଥିତ ଥିଲେ।

## କଲ୍ୟାଣ ମଣ୍ଡପ ଅସ୍ଥାୟୀ ଏନ୍ଏସି କାର୍ଯ୍ୟାଳୟ

**ଗଞ୍ଜାମ,୨୨।୪(ସମିସ):** ଗଞ୍ଜାମ ସହର ବଡ଼ ବଜାରଠାରେ ଥିବା ଏନଏସି କାର୍ଯ୍ୟାଳୟ କଲ୍ୟାଣ ମଣ୍ଡପକୁ ସ୍ଥାନାନ୍ତରିତ ହେଉଥିବା ଜଣାପଡିଛି। ଏନଏସି ପୁରୁଣା ଗୃହ ଗୁଡିକ ଭାଙ୍ଗି ସେଠାରେ ନୂତନ ବିଲଡିଂ ନିର୍ମାଣ କରାଯିବା ନେଇ ପୂର୍ବରୁ ଏନଏସି କାଉନ୍ସିଲର ବୈଠକରେ ପ୍ରସ୍ତାବ ଦିଆଯିବା



ଏବଂ ତାହା ମଞ୍ଜୁର ହୋଇଥିଲା। ଉକ୍ତ ପ୍ରକଳ୍ପ ନିର୍ମାଣ ପାଇଁ ମୋଟ ଛଅ କୋଟି ବ୍ୟୟ ଅଟକଳ ହୋଇଛି। ପ୍ରଥମ ପର୍ଯ୍ୟାୟରେ ତିନି କୋଟି ଏବଂ ପରବର୍ତ୍ତୀ ସମୟରେ ଆଉ ତିନି କୋଟି ବ୍ୟୟ ବରାଦରେ ଅନୁସାଙ୍ଗିକ ବ୍ୟବସ୍ଥା ସହ ଅତ୍ୟାଧୁନିକ ଗୃହ ନିର୍ମାଣ ହେବ ବୋଲି ଏନଏସି ଇଓ ଅପର୍ଣ୍ଣା ଡାଙ୍ଗୁଆ ସୂଚନା ଦେଇଛନ୍ତି।

# ନାବାଳକ ହତ୍ୟା ମାମଲା; ଜଣେ ଗିରଫ, ବନ୍ଧୁକ ଜବତ

ଟିକାବାଲ,୨୨।୪(ସମିସ): ଟିକାବାଲି ଥାନା ବୁଡ଼େଣୀ ଗ୍ରାମର ନାବାଳକ ବିଭୁତି କହଁର ହତ୍ୟା ମାମଲାରେ ପୁଲିସକୁ ବଡ଼ ସଫଳତା ମିଳିଛି। ଏହି ଘଟଣାରେ ସଂପୃକ୍ତ ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିବା ସହ ପୁଲିସ ତାକୁ କୋର୍ଟ ଚାଲାଣ କରିଛି। ବୁଡ଼େଣୀ ଗ୍ରାମର ସୁମନ ବିନ୍ଧାଣି(୨୫)କୁ ପୁଲିସ ଗିରଫ କରିଛି। ଗତ ୧୮ ତାରିଖ ରାତିରେ ବିଭୁତିଙ୍କୁ ଶିକାର ପାଇଁ ଜଙ୍ଗଲକୁ ଡାକି ନେବାରେ ଏବଂ ହତ୍ୟାକାଣ୍ଡ ସମୟରେ ସୁମନ ସେଠାରେ ଉପସ୍ଥିତ ଥିବା ନେଇ ପ୍ରମାଣ ମିଳିବା ପରେ ପୁଲିସ ତାକୁ ଗିରଫ କରିଛି। ତା ନିକଟରୁ ଗୋଟିଏ ଦେଶୀ ବନ୍ଧୁକ ଜବତ କରାଯାଇଛି। ଗତକାଲି ଅଭିଯୁକ୍ତକୁ କୋର୍ଟରେ ହାଜର କରାଯାଇଛି। ପ୍ରକାଶଥାଉ କି, କୁଟୁରା ଶିକାର ପାଇଁ ପ୍ରତାପ କହଁର ଓ ସୁମନ ବିନ୍ଧାଣି ନାବାଳକ ବିଭୁତିକୁ ଜଙ୍ଗଲକୁ ଡାକି ନେଇଥିଲେ। ସେଠାରେ ଗୁଳି ବାଜି ବିଭୁତିର ମୃତ୍ୟୁ ହୋଇଥିଲା। ଘଟଣା ପରେ ମୁଖ୍ୟ ଅଭିଯୁକ୍ତ ପ୍ରତାପ କହଁର ଫେରାର ହୋଇଯାଇଥିବା ବେଳେ ଟିକାବାଲି ଥାନା ଅଧିକାରୀ ସମୀର କୁମାର ବେହେରାଙ୍କ ନେତୃତ୍ୱରେ ତଦନ୍ତ ଜାରି ରହିଥିଲା। ବୌଦ୍ଧରୁ ଆସିଥିବା ସାଇଣ୍ଟିଫିକ ଟିମ୍ ମଧ୍ୟ ବିଭିନ୍ନ ଦିଗରୁ ଯାଞ୍ଚ କରିଥିଲେ। ଜଣେ ଅଭିଯୁକ୍ତ ଗିରଫ ହୋଇଥିବା ବେଳେ ଏହି ମାମଲାର ମୁଖ୍ୟ ଅଭିଯୁକ୍ତ ପ୍ରତାପ କହଁରଙ୍କୁ ଧରିବା ପାଇଁ ପୁଲିସ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରଖିଛି। ଖୁବଶୀଘ୍ର ତାକୁ ମଧ୍ୟ ଗିରଫ କରାଯିବ ବୋଲି ପୁଲିସ କହିଛି।

## ଫୁଲବାଣୀ ସର୍କଲ ଜେଲରେ ବିଚାରାଧୀନ କଏଦୀଙ୍କ ମୃତ୍ୟୁ ଘଟଣା

# ନିରପେକ୍ଷ ତଦନ୍ତ ଦାବିରେ ଆଇଜିଙ୍କୁ ଫେରାଦ



ବ୍ରହ୍ମପୁର, ୨୨।୪(ସମିସ): କନ୍ଧମାଳ ଜିଲ୍ଲା ଫୁଲବାଣୀ ଜିଲ୍ଲା କାରାଗାରରେ ଜଣେ ବିଚାରାଧୀନ କଏଦୀ (ୟୁଟିପି)ଙ୍କ ଫୁଲବାଣୀ ଟାଉନ୍ ଥାନା ଅଧୀନ ପେଞ୍ଜିସାହିର ହେରାନ୍ ବେହେରାଙ୍କ ଗତ ୧୫ ତାରିଖରେ ମୃତ୍ୟୁ ଘଟିଥିଲା। ଏଯାଏଁ ତାଙ୍କ ପରିବାରଙ୍କୁ ନ୍ୟାୟ ମିଳିପାରିଲାନାହିଁ। ଏଣୁ ମୃତକଙ୍କ ବାପା ରଞ୍ଜନ କୁମାର ବେହେରା ଓ ତଙ୍କ ପରିବାର ଦକ୍ଷିଣାଞ୍ଚଳ ରେଞ୍ଜ ଆଇଜି ନୀତି ଶେଖରଙ୍କ ନିକଟରେ ଫେରାଦ ହୋଇଛନ୍ତି। ହେରାନ୍‌ଙ୍କୁ ପୋଲିସ ଡକାୟତି ମାମଲାରେ ପୋଲିସ ଉଠାଇ ନେଇ ଥାନାରେ ମାନସିକ ଓ ଶାରୀରିକ ନିର୍ଯାତନା ସହ ମାତ୍ରାଧିକ ମାଡ଼ ମାରିଥିଲା। ପରେ ତାଙ୍କୁ ଅତି ତରବରିଆ ଭାବେ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ତାଙ୍କୁ ଫୁଲବାଣୀ ସର୍କଲ ଜେଲ ପଠାଇଦିଆଯାଇଥିଲା। ଫଳରେ ତାଙ୍କର ମୃତ୍ୟୁ ହୋଇଥିବା ଭଉଣୀ ସୁନୀତା ବେହେରା ଅଭିଯୋଗ ଥାନାରେ ଅଭିଯୋଗ କରିଥିଲେ। ହେଲେ ଘଟଣାର ୬ ଦିନ ପରେ ବି ପରିବାରଙ୍କୁ ନ୍ୟାୟ ମିଳିନଥିଲା। ଏଣୁ ଘଟଣାର ନିରପେକ୍ଷ ତଦନ୍ତ କରି ନ୍ୟାୟ ପ୍ରଦାନ କରିବାକୁ ତାଙ୍କ ବାପା ରଞ୍ଜନ କୁମାର ବେହେରା ଓ ପରିବାର ସଦସ୍ୟ ଆଜି ଦାବି କରିଛନ୍ତି।

# ଗ୍ରୀଷ୍ମ ଛୁଟିରେ ବିଦ୍ୟାଳୟ ଖୋଲା ଅଭିଯୋଗ

## କାଶୀନଗରରେ ଶିକ୍ଷା ବିଭାଗ ଉପରେ ଉଠିଲା ପ୍ରଶ୍ନ

କାଶୀନଗର,୨୨।୪(ସମିସ):

ରାଜ୍ୟରେ ବର୍ତ୍ତମାନ ଗ୍ରୀଷ୍ମ ପ୍ରବାହ ଜାରି ରହିଥିବା ବେଳେ ସାଧାରଣ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡ଼ିଛି। ଦିନକୁ ଦିନ ତାପମାତ୍ରା ବଢ଼ୁଥିବାରୁ ଛୋଟ ଶିଶୁଙ୍କ ସ୍ୱାସ୍ଥ୍ୟ ଉପରେ ବିପଦ ଆଶଙ୍କା ସୃଷ୍ଟି ସମ୍ଭାବନା ପରିପେକ୍ଷୀରେ ରାଜ୍ୟ ସରକାରଙ୍କ ପକ୍ଷରୁ ସମସ୍ତ ସରକାରୀ ଓ ବେସରକାରୀ ବିଦ୍ୟାଳୟକୁ ତିନିଦିନ ପାଇଁ ଛୁଟି ଘୋଷଣା କରାଯାଇଛି। ଛାତ୍ରଛାତ୍ରୀଙ୍କ ସୁରକ୍ଷା, ସ୍ୱାସ୍ଥ୍ୟ ଓ ଗ୍ରୀଷ୍ମ ପ୍ରବାହରୁ ସୁରକ୍ଷା ଦୃଷ୍ଟିରେ ରଖି ସରକାର ଏହି ନିଷ୍ପତ୍ତି ନେଇଛନ୍ତି। ଏଥିନେଇ ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି ହୋଇଛି।

କିନ୍ତୁ ସରକାରୀ ନିଷ୍ପତ୍ତିକୁ ଅମାନ୍ୟ କରାଯାଇଥିବା ଘଟଣା ସାମ୍ନାକୁ ଆସିଛି। ସ୍ଥାନୀୟ ଏକ ବେସରକାରୀ ବିଦ୍ୟାଳୟ ସରକାରଙ୍କ ନିର୍ଦ୍ଦେଶକୁ ଅମାନ୍ୟ କରି ଛୁଟି ଦିନରେ ବିଦ୍ୟାଳୟ ଖୋଲିଥିବା ଅଭିଯୋଗ ହୋଇଛି। ଏହି ଘଟଣାକୁ ନେଇ ଅଭିଭାବକ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ସରକାର ଗ୍ରୀଷ୍ମ ପ୍ରବାହର ଭୟାବହତାକୁ ଦେଖି ସମସ୍ତ ବିଦ୍ୟାଳୟକୁ ବନ୍ଦ ରଖିବାକୁ ଆଦେଶ ଦେଇଛନ୍ତି। କିନ୍ତୁ ଏହି ବିଦ୍ୟାଳୟ କର୍ତ୍ତୃପକ୍ଷ ତାହାକୁ ଉଲ୍ଲଙ୍ଘନ କରିଥିବା ଅଭିଯୋଗ ଅଭିଭାବକ ଅଭିଯୋଗ କରିଛନ୍ତି। ଯଦି ବିଦ୍ୟାଳୟରେ କେହି ଛାତ୍ରଛାତ୍ରୀ ଅସୁସ୍ଥ, ହିଟ୍‌ଷ୍ଟ୍ରୋକରେ ଆକ୍ରାନ୍ତ କିମ୍ବା ଅନ୍ୟ କୌଣସି ଅପ୍ରୀତିକର ଘଟଣା ଘଟେ ତେବେ ଏହା ପାଇଁ ଦାୟୀ କିଏ ରହିବ ବୋଲି ପ୍ରଶ୍ନ ଉଠିଛି। ଏନେଇ ବ୍ଲକ୍ ଶିକ୍ଷା ଅଧିକାରୀଙ୍କୁ ଯୋଗାଯୋଗ କରାଯିବାରେ ସେ ଛୁଟିରେ ଥିବା ଯୋଗୁ ତିନିଦିନିଆ ଛୁଟି ଘୋଷଣା ବିଷୟରେ ଅବଗତ ନଥିବା କହିଛନ୍ତି। ଏହି ଉତ୍ତରକୁ ନେଇ ସାଧାରଣ ଲୋକ ଓ ଅଭିଭାବକ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ଯେଉଁ ଅଧିକାରୀଙ୍କ ଉପରେ ସମଗ୍ର ବ୍ଲକର ଶିକ୍ଷା ବ୍ୟବସ୍ଥା ନିର୍ଭର କରୁଛି, ସେ ଯଦି ସରକାରୀ ଘୋଷଣା ବିଷୟରେ ଅବଗତ ନ ଥାନ୍ତି, ତେବେ ପ୍ରଶାସନ କେମିତି ଚାଲୁଛି ବୋଲି ପ୍ରଶ୍ନ ଉଠିଛି।

ଉଲ୍ଲେଖଯୋଗ୍ୟ ଯେ ଏପରି ବେପରୁଆ ମନୋଭାବ ବ୍ଲକରେ ପ୍ରଥମ ଘଟଣା ନୁହେଁ। ପୂର୍ବରୁ ମଧ୍ୟ ଶିକ୍ଷା ପ୍ରଶାସନର ଏପରି ଅବହେଳା ଯୋଗୁ ଅଞ୍ଚଳର ୫ଜଣ ଛାତ୍ରଛାତ୍ରୀ ଦଶମ ଶ୍ରେଣୀ ପରୀକ୍ଷାରୁ ବଞ୍ଚିତ ହୋଇଥିଲେ। ସେହି ଘଟଣା ସେମାନଙ୍କ ଭବିଷ୍ୟତକୁ ଅନ୍ଧକାରକୁ ଠେଲିଦେଇଥିଲା। ସେତେବେଳେ ମଧ୍ୟ ଶିକ୍ଷା ବିଭାଗ ଉପରେ ଗୁରୁତର ଅଭିଯୋଗ ଉଠିଥିଲା। ସ୍ଥାନୀୟ ଲୋକ ତଥା ଅଭିଭାବକ କହିଛନ୍ତି ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଓ ସୁରକ୍ଷା ସହ କୌଣସି ପ୍ରକାର ଖେଳ ହେବା ଉଚିତ୍ ନୁହେଁ। ବେସରକାରୀ ବିଦ୍ୟାଳୟ ନିଜ ସୁବିଧା ପାଇଁ ସରକାରୀ ନିୟମକୁ ଅବହେଳା କରିବା ଏକ ଗମ୍ଭିର ବିଷୟ। ଏହା ଉପରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ନେଇ ଦୋଷୀ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ବିରୋଧରେ ପଦକ୍ଷେପ ନେବାକୁ ଦାବି ହୋଇଛି। ଏହାସହ ବ୍ଲକ୍ ଶିକ୍ଷା ଅଧିକାରୀଙ୍କ ଭୂମିକା ଉପରେ ମଧ୍ୟ ପ୍ରଶ୍ନ ଉଠିଛି। ଉଚ୍ଚ ପଦରେ ଥାଇ ସରକାରୀ ନିଷ୍ପତ୍ତି ସମ୍ପର୍କରେ ଅବଗତ ନ ଥିବା ଘଟଣାକୁ ନେଇ ତଦନ୍ତ ହେବା ଆବଶ୍ୟକ ବୋଲି ମତ ପ୍ରକାଶ କରିଛନ୍ତି। ଜିଲ୍ଲା ପ୍ରଶାସନ ଓ ଶିକ୍ଷା ବିଭାଗ ଏହି ଘଟଣାକୁ କେତେ ଗୁରୁତ୍ୱର ସହ ନେଇ କିଭଳି ପଦକ୍ଷେପ ଗ୍ରହଣ କରିବ ତାହା ଏବେ ଆଲୋଚନା ହେଉଛି।



ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ, ଗଜପତି
DISTRICT EDUCATION OFFICE, GAJAPATI

No: 2210 Date: 21-04-2026

OFFICE ORDER

In view of the prevailing heatwave situation across the district, all schools of Gajapati (Government/ Aided/ Private) having classes from Sishu Vatika to class XII will be remained closed from 22.04.2026 to 24.04.2026.

This order is issued as a preventive measure for safety of school students. However, the closure shall not apply for the schools/ students having examinations and the examinations be held as per their fixed schedule.

Collector, Gajapati

Memo No: 2211 Date: 21-04-2026
Copy to the Principals/ Headmasters of all schools of Gajapati having classes from Sishu Vatika to class XII for information and necessary action.

Collector, Gajapati

Memo No: 2212 Date: 21-04-2026
Copy to the District Welfare Officer, Gajapati/ the Project Administrator, ITDA, Gajapati for information and necessary action.

Collector, Gajapati

Memo No: 2213 Date: 21-04-2026
Copy to the Director, Elementary Education, Odisha/ the Director, Secondary Education, Odisha/ the Director, Higher Secondary Education, Odisha for information and necessary action.

Collector, Gajapati

Memo No: 2214 Date: 21-04-2026
Copy submitted to the Commissioner cum Secretary to Government, School and Mass Education Department, Odisha/ Commissioner cum Secretary to Government, ST & SC Development Department, Odisha for kind information.

Collector, Gajapati

# କଳିଙ୍ଗା ବିଏଡ କଲେଜ ଛାତ୍ରଛାତ୍ରୀଙ୍କ ସଫେଇ



ଜି.ଉଦୟଗିରି,୨୨।୪(ସମିସ): ଜି.ଉଦୟଗିରି ନିକଟସ୍ଥ କଳିଙ୍ଗା ବିଏଡ କଲେଜରେ ଆଜି ସଫେଇ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କଲେଜ ଅଧ୍ୟକ୍ଷ ଡ଼. ଦୀପକ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଓ କ୍ରୀଡ଼ା ଶିକ୍ଷୟିତ୍ରୀ ଲକ୍ଷ୍ମୀପ୍ରିୟା ନାୟକଙ୍କ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ଶତାଧିକ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଅଞ୍ଚଳକୁ ପ୍ଲାଷ୍ଟିକ ମୁକ୍ତ, ସ୍ୱଚ୍ଛ ଓ ପରିଷ୍କାର ରଖିବା ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ରହିଥିଲା। ଛାତ୍ରଛାତ୍ରୀ କଲେଜ ପରିସର ସହିତ କଳିଙ୍ଗା ଚିକିତ୍ସାଳୟ, ନିକଟସ୍ଥ ବିଭିନ୍ନ ବିଦ୍ୟାଳୟ ପରିସର, ରାସ୍ତାଘାଟ, ଲଟାବୁଦା ପରିଷ୍କାର କରିଥିଲେ। ଏହାସହିତ ସ୍ୱଚ୍ଛତା ସମାଜ ପାଇଁ କେତେ ଗୁରୁତ୍ୱପୂର୍ଣ୍ଣ ସେ ସମ୍ପର୍କରେ ଛାତ୍ରଛାତ୍ରୀ ସଚେତନ କରିଥିଲେ।

# ଝାମିରେ ଆଇନ ସଚେତନତା



ପାରଳାଖେମୁଣ୍ଡି,୨୨।୪(ସମିସ): ଗଜପତି ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ତଥା ଜିଲ୍ଲା ଦୌରାଜଜ୍ ଜଗଦୀଶ ପ୍ରସାଦ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଗୁମ୍ମା ବ୍ଲକ ଝାମି ଗ୍ରାମରେ ଆଇନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ସଚିବ ବିମଳ ରାଉଳ ଅଧ୍ୟକ୍ଷତା କରିଥିଲେ। ଏଥିରେ ଆଇନର ବିଭିନ୍ନ ଦିଗ ଭାରତୀୟ ନାଗରିକ ସୁରକ୍ଷା ସଂହିତା, ୨୦୨୩ ଅନୁସାରେ ବିଭିନ୍ନ ଆଇନଗତ ବ୍ୟବସ୍ଥା ବିଶେଷତଃ ଏଫଆଇଆର୍, ଜାମିନ, ସମନ ଓ ଓର୍ଡର, ଆଇନଗତ ପ୍ରତିନିଧିତ୍ୱର ଅଧିକାର ଓ ଅନ୍ୟ ଆଇନ ସମ୍ପର୍କରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଝାମି ସରପଞ୍ଚ ମନାକ୍ଷୀ ବେହେରା, ପାରଳାଖେମୁଣ୍ଡି ଆଦର୍ଶ ଥାନାର ଏସ୍‌ଆଇ କୌତୁକା ସେଠୀ ଓ ପଞ୍ଚାୟତ ନିର୍ବାହୀ ଅଧିକାରୀ ଏସ୍. ରାମେଶ ଯୋଗ ଦେଇ ଜନସାଧାରଣଙ୍କୁ ବିଭିନ୍ନ ଆଇନଗତ ବିଷୟରେ ସଚେତନ କରିଥିଲେ।

■ ଅନ୍ତଃଜିଲ୍ଲା ଖୋଖୋ ଚାମ୍ପିୟନସିପ୍

# ବାଳକ ବର୍ଗରେ ଗୋଷାଣି ଥଣ୍ଡର୍ସ, ବାଳିକା ବର୍ଗରେ ରାୟଗଡ଼ ଦିବସ ଚାମ୍ପିୟନ




ଗୋଷାଣି,୨୨।୪(ସମିସ): ଗଜପତି ଜିଲ୍ଲା କ୍ରୀଡ଼ା ବିଭାଗ ପକ୍ଷରୁ ଗୋଷାଣି ବ୍ଲକ ଅନ୍ତର୍ଗତ ଗାରାବନ୍ଧ ସ୍ଥିତ ଭେଙ୍କଟେଶ୍ୱର ଉଚ୍ଚ ବିଦ୍ୟାଳୟରେ ଚାଲିଥିବା ୧୪ ବର୍ଷରୁ କମ ମୁଖ୍ୟମନ୍ତ୍ରୀ ଟ୍ରଫି ଅନ୍ତଃଜିଲ୍ଲା ଖୋଖୋ ଚାମ୍ପିୟନସିପ ଉଦ୍‌ଯାପିତ ହୋଇଛି। ଜିଲ୍ଲାର ସମସ୍ତ ବ୍ଲକରୁ ୧୦ ବାଳକ ଏବଂ ୬ ବାଳିକା ଟିମ ଭାଗ ନେଇଥିଲେ। ନକଆଉଟ ପର୍ଯ୍ୟାୟରେ ଅନୁଷ୍ଠିତ ପ୍ରତିଯୋଗିତାରେ ବାଳକ ବର୍ଗରେ ଗୋଷାଣି ଥଣ୍ଡର୍ସ ଚାମ୍ପିୟନ ହୋଇଥିବା ବେଳେ ରାୟଗଡ ୱରିୟର୍ସ ଉପବିଜେତା ହୋଇଛି। ସେହିପରି ବାଳିକା ବର୍ଗରେ ରାୟଗଡ ଦିବସ ଚାମ୍ପିୟନ ହୋଇଥିବା ବେଳେ ଗୋଷାଣି ଚ୍ୟାଲେଞ୍ଜର୍ସ ଉପବିଜେତା ହୋଇଛି। ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଗୋଷାଣି ବ୍ଲକ ଅଧ୍ୟକ୍ଷ ଏନ୍. ବୀରରାଜୁ ଯୋଗ ଦେଇଥିଲେ। ଶେଷରେ ଅତିଥିଙ୍କ ଦ୍ୱାରା ବିଜେତା ଓ ଉପବିଜେତା ଦଳଙ୍କୁ ପୁରସ୍କୃତ କରାଯାଇଥିଲା। ଏହି ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଥିବା ଖେଳାଳି ଜୋନସ୍ତରୀୟ ପ୍ରତିଯୋଗିତାରେ ଭାଗ ନେବେ ବୋଲି ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀ ସାହୁ ସୂଚନା ଦେଇଛନ୍ତି। ବ୍ଲକ ତଥା ଜିଲ୍ଲାର ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ, ଗାରାବନ୍ଧା ପୁଲିସ, ବିଦ୍ୟାଳୟର ସମସ୍ତ କର୍ମଚାରୀ ପରିଚାଳନାରେ ସହଯୋଗ କରିଥିଲେ। ଶେଷରେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବି.ଗଙ୍ଗାଧର ଧନ୍ୟବାଦ ଅର୍ପଣ କରିଥିଲେ।

## ସିୟୁଟିଏମରେ ବିଶ୍ୱ ପୃଥିବୀ ଦିବସ

# ଜଳବାୟୁ ପରିବର୍ତ୍ତନର ମୁକାବିଲା ପାଇଁ ପ୍ରଯୁକ୍ତିଗତ ନବୀନତା ଉପରେ ଗୁରୁତ୍ୱ




ପାରାଳାଖେମୁଣ୍ଡି,୨୨।୪(ସମିସ):

ସେଞ୍ଚୁରିଆନ୍ ୟୁନିଭରସିଟି ଅଫ୍ ଟେକ୍ନୋଲୋଜି ଆଣ୍ଡ ମ୍ୟାନେଜମେଣ୍ଟର ସିଭିଲ ଇଞ୍ଜିନିୟରିଂ ବିଭାଗ ପକ୍ଷରୁ ବିଶ୍ୱ ପୃଥିବୀ ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମ ସଂଯୋଜକ ଡ଼.ମଦନ ମୋହନ ରାଉତ ନବୀକରଣଶୀଳ ଉର୍ଜାର ପ୍ରଚାର, ଉର୍ଜା ସଞ୍ଚୟ ପାଇଁ ସାମୂହିକ ପଦକ୍ଷେପର ଆବଶ୍ୟକତା ଉଲ୍ଲେଖ କରି ଛାତ୍ରଛାତ୍ରୀଙ୍କୁ ଆହ୍ୱାନ କରିଥିଲେ। ସିଭିଲ୍ ଇଞ୍ଜିନିୟରିଂ ବିଭାଗର ମୁଖ୍ୟ ଡ଼. ରାଜୀବ କୁମାର ମାଝୀ ବିଭାଗ ପକ୍ଷରୁ ବିଶେଷ କରି ପ୍ରାୟୋଗିକ ଶିକ୍ଷା, ନବୀକରଣଶୀଳ ଉର୍ଜା ମଡେଲ୍ ଏବଂ ପରିବେଶମୁଖୀ ପଦକ୍ଷେପ ଉପରେ ଆଲୋକପାତ କରିଥିଲେ। ସ୍କୁଲ୍ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜିର ଡିନ୍ ଡ଼. ପ୍ରଫୁଲ୍ଲ କୁମାର ପଣ୍ଡା ଜଳବାୟୁ ପରିବର୍ତ୍ତନ ମୁକାବିଲା ପାଇଁ ପ୍ରଯୁକ୍ତିଗତ ନବୀନତାର ଗୁରୁତ୍ୱ ବିଷୟରେ କହିଥିଲେ। ଡିନ୍ ଅଫ୍ ଷ୍ଟୁଡେଣ୍ଟ ଅଫେୟର୍ସ ଡ଼.ରିତେଶ ଛାତ୍ରଛାତ୍ରୀଙ୍କୁ ପରିବେଶ ସମ୍ବନ୍ଧୀୟ କାର୍ଯ୍ୟରେ ସକ୍ରିୟ ଭାଗ ନେବା ଓ ଦୈନନ୍ଦିନ ଜୀବନରେ ସବୁଜ ଅଭ୍ୟାସ ଅନୁସରଣ କରିବାକୁ ପ୍ରେରଣା ଦେଇଥିଲେ। ରେଜିଷ୍ଟ୍ରାର ଡ଼. ଅନିତା ପାତ୍ର ଆୟୋଜକ ମଣ୍ଡଳୀର ପ୍ରୟାସକୁ ପ୍ରଶଂସା କରିଥିଲେ। ଭାରତ ସରକାରଙ୍କ ପୃଥିବୀ ବିଜ୍ଞାନ ମନ୍ତ୍ରଣାଳୟ ସହଯୋଗରେ ଆୟୋଜିତ କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କ ଦ୍ୱାରା ନବୀକରଣଶୀଳ ଉର୍ଜା ମଡେଲ୍ ପ୍ରଦର୍ଶନୀ, ବିଶେଷଜ୍ଞ ଉପସ୍ଥାପନା, କୁଇଜ୍ ପ୍ରତିଯୋଗିତା, ସେଭ୍ ଏନର୍ଜି, ସେଭ୍ ଅର୍ଥ ବାର୍ତ୍ତା ସହ ରାଲି ଏବଂ ଚାରାରୋପଣ କାର୍ଯ୍ୟକ୍ରମ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ପାରଳାଖେମୁଣ୍ଡି ସ୍ଥିତ ମହାରାଜାଙ୍କ ବାଳକ ଉଚ୍ଚ ବିଦ୍ୟାଳୟ, ମହାରାଜାଙ୍କ ବାଳିକା ଉଚ୍ଚ ବିଦ୍ୟାଳୟ, ଅରବିନ୍ଦ ସ୍କୁଲ ଏବଂ ଜବାହର ନବୋଦୟ ବିଦ୍ୟାଳୟର ୧୨୦ରୁ ଅଧିକ ଛାତ୍ରଛାତ୍ରୀ ଭାଗ ନେଇଥିଲେ।

# ଦୁର୍ଘଟଣାରେ ବାଇକ ଚାଳକ ମୃତ

ଦାରିଙ୍ଗବାଡି,୨୨।୪(ସମିସ): ବାଇକରେ ଯାଉଥିବା ଜଣେ ଯୁବକ ଭାରସାମ୍ୟ ହରାଇ ରାସ୍ତା ପାଶ୍ୱର୍ରେ ଥିବା ବ୍ୟାରିକେଡରେ ପିଟି ହୋଇଯିବାରୁ ମୃତ୍ୟୁ ହୋଇଛି। ମୃତ ଯୁବକ ଜଣକ ହେଲେ ସମୀର ବଡ଼ାଇ (୩୦)। ତାଙ୍କ ଘର ସୋନପୁର ଗ୍ରାମରେ ବୋଲି ଜଣାପଡ଼ିଛି। ମୃତ ଯୁବକ କୌଣସି କାମରେ ଦାରିଙ୍ଗବାଡି ଯାଇ ନିଜ ଗ୍ରାମକୁ ଫେରିବା ବେଳେ ଅସାବଧାନତା ହେତୁ ରାସ୍ତା କଡରେ ଥିବା ଷ୍ଟିଲ ବ୍ୟାରିକେଡରେ ଜୋରରେ ପିଟି ହୋଇଯାଇଥିଲେ। ଏଥିରେ ସେ ଗୁରୁତର ଆହତ ହୋଇ ରାସ୍ତା ଉପରେ ପଡି ରହିଥିଲେ।

ଏହା ଦେଖି ସ୍ଥାନୀୟ ଲୋକେ ୧୦୮ ଆମ୍ବୁଲାନ୍ସକୁ ଡାକି ତାଙ୍କୁ ଦାରିଙ୍ଗବାଡ଼ି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚାଇଥିଲେ। ହେଲେ ଡାକ୍ତର ତାଙ୍କୁ ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ଦାରିଙ୍ଗବାଡି ଥାନା ଅଧିକାରୀ ସଂଗ୍ରାମ କେଶରୀ ଜେନାଙ୍କ ନେତୃତ୍ୱରେ ଏଏସ୍‌ଆଇ ପି. ଶ୍ରୀନିବାସ ରାଓ ଘଟଣା ସ୍ଥଳରେ ପହଞ୍ଚି ଏକ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିଲେ।

## ୪ ବର୍ଷ ହେଲା ପକ୍ଷାଘାତରେ ଆକ୍ରାନ୍ତ ସୁରେନ୍ଦ୍ର

# ଅର୍ଥ ଅଭାବରୁ ହେଇପାରୁନି ଚିକିତ୍ସା



ଜି.ଉଦୟଗିରି,୨୨।୪(ସମିସ):

ନିକଟସ୍ଥ କଳିଙ୍ଗା ଡ଼ିଏବିର ସୁରେନ୍ଦ୍ର ମହାରଣା କାଠ କାମ କଲେ ପରିବାର ଚାଲୁଥିଲା। ହଠାତ ୨୦୨୨ରେ ପକ୍ଷାଘାତରେ ଆକ୍ରାନ୍ତ ହେଲେ। ଘର ଡ଼ିହ ବିକ୍ରି କରି ତାଙ୍କର ୪ ବର୍ଷ ହେଲା ଚିକିତ୍ସା ଚାଲିଛି। ହେଲେ ସୁସ୍ଥ ହୋଇପାରୁନାହାନ୍ତି ସୁରେନ୍ଦ୍ର। ଏବେ ପରିବାର ପ୍ରତିପୋଷଣ କରିବା କଷ୍ଟକର ହୋଇ ପଡ଼ିଥିବା ବେଳେ ଦିନକୁ ଦୁଇ ବେଳ ପେଟକୁ ଦାନା ଯୋଗାଡ଼ କରିବା କଷ୍ଟକର ହୋଇଛି। ସ୍ତ୍ରୀ ଚା ଦୋକାନ କରି ଏବେ ପରିବାର ଚଳାଉଛନ୍ତି। ସୁରେନ୍ଦ୍ରଙ୍କ ପରିବାର କହିଲେ ସ୍ତ୍ରୀ, ୨ ଝିଅ ଗୋଟିଏ ପୁଅ। ପୁଅ ଫୁଲବାଣୀରେ ଆଇଟିଆଇ କରୁଥିଲେ। କିନ୍ତୁ ଅର୍ଥ ଅଭାବରୁ ଏବେ ପାଠ ପଢ଼ା ବନ୍ଦ ହୋଇଯାଇଛି। ଚିକିତ୍ସା ପାଇଁ ବ୍ରହ୍ମପୁର, ଫୁଲବାଣୀ, ଭୁବନେଶ୍ୱର ଯାଇ ନିରାଶ ହେବା ପରେ ଏବେ ଘରେ ପଡି ରହିଛନ୍ତି ସୁରେନ୍ଦ୍ର। ଏବେ କେବଳ ସରକାରୀ ସାହାଯ୍ୟକୁ ଅପେକ୍ଷା କରି ରହିଛନ୍ତି। ଜିଲ୍ଲାପାଳ ଏଥିପ୍ରତି ଦୃଷ୍ଟି ଦେଇ ସାହାଯ୍ୟ କରିବାକୁ ଅନୁରୋଧ କରିଛନ୍ତି ପତ୍ନୀ। ସରକାରୀ ସହାୟତା ମିଳିଲେ ପରିବାରର ଅବସ୍ଥା ସୁଧୁରିଯିବ ବୋଲି ଜିଲ୍ଲାପାଳଙ୍କୁ ଗୁହାରି କରିଛନ୍ତି।

